# Dr. T. D. Singh Memorial Lecture

by



## Prof. Richard R. Ernst

### Nobel Laureate in Chemistry



---

ଧରିତ୍ରୀ
ଭୁବନେଶ୍ୱର
ଶୁକ୍ରବାର, ୬ ଜାନୁୟାରୀ, ୨୦୧୨
ପୃଷ୍ଠା–୧୦

## ବିଜ୍ଞାନର ମୂଳଭିତ୍ତି ଆଧ୍ୟାତ୍ମିକତା



'ବିଜ୍ଞାନ ଓ ଆଧ୍ୟାତ୍ମିକତା' ଶୀର୍ଷକ ସ୍ମାରକୀ ବକ୍ତୃତାରେ ଉପସ୍ଥିତ ପ୍ରଫେସର ରିଚାର୍ଡ ଆର୍.ଆର୍ଣ୍ଣେଷ୍ଟ ଓ ପୁରୀ ଗଜପତି ମହାରାଜ ଦିବ୍ୟସିଂହଦେବ (ବାମରୁ ୩ୟ ଓ ୪ର୍ଥ) ଙ୍କ ସମେତ ଅନ୍ୟ ଅତିଥିମାନେ ।

ଭୁବନେଶ୍ୱର,(ବ୍ୟୁରୋ)–ମଣିଷ ମସ୍ତିଷ୍କର ଗୋଟିଏ ସ୍ଥାନରେ ଆଧ୍ୟାତ୍ମିକତା ଓ ବିଜ୍ଞାନ ରହିଥାଏ । ଆଧ୍ୟାତ୍ମିକ ଶକ୍ତି ବିନା ସୃଜନଶୀଳ ଅସମ୍ଭବ । ଏହି ଆଧ୍ୟାତ୍ମିକତା ବିଜ୍ଞାନର ମୂଳଭିତ୍ତି ବୋଲି ମତ ଦେଇଛନ୍ତି ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ପ୍ରଫେସର ରିଚାର୍ଡ ଆର୍.ଆର୍ଣ୍ଣେଷ୍ଟ । ବାଣୀବିହାର ପ୍ରେକ୍ଷାଳୟରେ ଗୁରୁବାର ଡଃ ଟି.ଡି.ସିଂହ ସ୍ମାରକୀ ବକ୍ତୃତା ପ୍ରଦାନ କରି ସେ କହିଥିଲେ ଯେ, ଧର୍ମ ଓ ବିଜ୍ଞାନ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିଲେ ମାନବ ଜାତିର ଉନ୍ନତି ସମ୍ଭବ ହୋଇପାରିବ ।

ଭକ୍ତିବେଦାନ୍ତ ଇନ୍‌ଷ୍ଟିଚ୍ୟୁଟ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ବିଜ୍ଞାନ ଓ ଆଧ୍ୟାତ୍ମିକତା' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ସ୍ୱିଜରଲ୍ୟାଣ୍ଡ ଜୁରିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଆର୍.ଆର୍ଣ୍ଣେଷ୍ଟ କହିଲେ, ବିଜ୍ଞାନ ମଣିଷକୁ ଜୟଯୁକ୍ତ କରୁଥିଲାବେଳେ ଆଧ୍ୟାତ୍ମିକତା ଶାନ୍ତି ଆଣି ଦେଇଥାଏ । ସେହିପରି ବିଜ୍ଞାନ ବିଶ୍ୱ ବ୍ରହ୍ମାଣ୍ଡର କଥା କହୁଥିଲାବେଳେ ନିଜ ଭିତରର କଥା କହିଥାଏ ଆଧ୍ୟାତ୍ମିକତା । ବିଜ୍ଞାନ ଓ ଆଧ୍ୟାତ୍ମିକତା ପରସ୍ପର ସହ ପରିପୂରକ ବୋଲି ସେ କହିଥିଲେ । ନୂଆ କିଛି କରିବା ପାଇଁ ଆଧ୍ୟାତ୍ମିକତା ଆମକୁ ଶକ୍ତି ଦେଇଥାଏ । ଆତ୍ମାରୁ ମିଳୁଥିବା ଶକ୍ତିର ଉପଯୋଗ କରିପାରିଲେ ବିଜ୍ଞାନ ସଫଳ ହେବ ବୋଲି ସେ କହିଥିଲେ । ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଲେ ଯେ, ଆଧ୍ୟାତ୍ମିକତା ହେଉଛି ମହା ବିଜ୍ଞାନ । ଅନେକ ବୈଜ୍ଞାନିକ ଉଦ୍ଭାବନ ପଛରେ ଆଧ୍ୟାତ୍ମିକ ଶକ୍ତିର ହାତ ରହିଛି । କାରଣ ଆଧ୍ୟାତ୍ମିକ ଶକ୍ତି ଭିତରେ ମୌଳିକ ଜ୍ଞାନ ଲୁଚି ରହିଥାଏ । ଦେଶର ପ୍ରଗତି ପାଇଁ ଆଧ୍ୟାତ୍ମିକ ଜ୍ଞାନର ବହୁ ଆବଶ୍ୟକତା ରହିଛି । ସେଥିପାଇଁ ଆମ ଦେଶରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରାଯାଉଥିଲା । ବର୍ତ୍ତମାନର ପରିସ୍ଥିତିରେ ଆଧ୍ୟାତ୍ମିକ ଶିକ୍ଷାର ପୁଣି ଆବଶ୍ୟକତା ରହିଛି ବୋଲି ଗଜପତି କହିଥିଲେ ।

### ଦୁର୍ଘଟଣାରେ ବଙ୍ଗୀୟ ଦମ୍ପତି ଗୁରୁତର

ସାକ୍ଷୀଗୋପାଳ, (ଡି.ଏନ୍.ଏ.)– ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥ ନିକଟବର୍ତ୍ତୀ ଚନ୍ଦନବାଟିଆ ଛକରେ ଗୁରୁବାର ଅପରାହ୍ଣରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ଖଡ଼ଗପୁରରୁ ପୁରୀ ଆସୁଥିବା ବଙ୍ଗୀୟ ଦମ୍ପତି ଅଭିଜିତ କାମିଲା ଓ ତାଙ୍କ ପତ୍ନୀ ନୁରୀ କାମିଲା ଗୁରୁତର ଆହତ ହୋଇଛନ୍ତି । ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଖଡ଼ଗପୁରରୁ ୭ଜଣ ପର୍ଯ୍ୟଟକଙ୍କୁ ନେଇ ପୁରୀ ଆସୁଥିବା କାର (ନଂ. ଡବ୍ଲ୍ୟୁବି ୨୬କେ ୮୯୪୭) ଚନ୍ଦନବାଟିଆ ଛକଠାରେ ଏକ ଟ୍ରକ (ନଂ. ଓଆର ୦୨ ବିବି ୬୭୩୦) ସହିତ ଧକ୍କା ହୋଇଥିଲା । ଫଳରେ ଏଥିରେ ଥିବା ସମସ୍ତ ଯାତ୍ରୀ ଆହତ ହୋଇଥିଲେ । ଆହତମାନଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅଭିଜିତ ଓ ନୁରୀଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସାପରେ ଛାଡି ଦିଆଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରୁ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରିଛି ।

---

..., ୬ ଜାନୁଆରୀ ୨୦୧୨
www.prameyanews.com
ଭୁବନେଶ୍ୱର
ପ୍ରମେୟ
THE PRAMEYA

## ମଣିଷ ମସ୍ତିଷ୍କ ସମସ୍ତ ଜ୍ଞାନ ଓ ଶକ୍ତିର ଅଧିକାରୀ: ଆର୍ନେଷ୍ଟ




ଭୁବନେଶ୍ୱର,୫।୧ ୨(ଆ.ପ୍ର): ମଣିଷର ମସ୍ତିଷ୍କ ସମସ୍ତ ଶକ୍ତିର ଅଧିକାରୀ। ଏଥିରେ ଆଧ୍ୟାତ୍ମିକ ଓ ବିଜ୍ଞାନ ସମ୍ପର୍କିତ ସମସ୍ତ ଜ୍ଞାନ ରହିଛି। ଦୁଇଟି ଯାକ ମସ୍ତିଷ୍କକୁ ସନ୍ତୁଳିତ କରିଆସୁଛନ୍ତି। ବିଜ୍ଞାନ ମଣିଷକୁ ଯେତିକି ଖୁସି ଦେଉଛି ଆଧ୍ୟାତ୍ମିକ ଚିନ୍ତା ଚେତନାଠାରୁ ମଣିଷ ସେତିକି ଖୁସି ପାଉଛି ବୋଲି ସୁଇଜରଲ୍ୟାଣ୍ଡ୍ ଜୁରିସ୍ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନର ନୋବେଲ ପୁରସ୍କାର ପ୍ରାପ୍ତ ପ୍ରଫେସର ରିଚାର୍ଡ଼ ଆର୍. ଆର୍ନେଷ୍ଟ କହିଛନ୍ତି। ଇସ୍କନର ଶ୍ରୀପାଦ ମହାରାଜ ଦାମୋଦର ସ୍ୱାମୀଙ୍କ ୭୫ତମ ଜୟନ୍ତୀ ଅବସରରେ କଲିକତାର ଭକ୍ତିବେଦାନ୍ତ ଇନଷ୍ଟିଚ୍ୟୁଟ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ମିଳିତ ସହଯୋଗରେ ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଡ଼ିଟୋରିୟମଠାରେ ଡ଼. ଟି. ଡି ସିଂହ (ଦାମୋଦର ସ୍ୱାମୀ) ସ୍ମାରକୀ ବକ୍ତୃତା ମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହି କଥା କହିଛନ୍ତି। ଏଥି ସହିତ ସେ କହିଛନ୍ତି ବିଜ୍ଞାନ ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ଆଧ୍ୟାତ୍ମିକତା ସହ ସମ୍ପର୍କ ରହିଛି । ବିଜ୍ଞାନ ବାହାର ଦୁନିଆକୁ ଦେଖିବାକୁ କହୁଥିବାବେଳେ ଆଧ୍ୟାତ୍ମିକ ଚିନ୍ତାଚେତନା ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଦେଖିବାକୁ କହିଥାଏ ବୋଲି ସେ କହିଛନ୍ତି। କିନ୍ତୁ ଦୁଇଟି ଯାକ ମଧ୍ୟରେ କେବଳ ଏତିକି ପାର୍ଥକ୍ୟ ରହିଛି କି ଜଣେ ଅନ୍ୟ ଜଣକର ସ୍ଥାନ ଦଖଲ କରିପାରିବ ନାହିଁ। ଏଥି ସହିତ ପୂର୍ବରୁ ଏନେଇ ମନ୍ତବ୍ୟ ଦେଇଥିବା ବୈଜ୍ଞାନିକଙ୍କର ମତ ଓ ଚିନ୍ତା ଧାରାକୁ ମଧ୍ୟ ସେ ବ୍ୟାଖ୍ୟା କରିବା ସହ ବୁଦ୍ଧଙ୍କ ଆର୍ଯ୍ୟ ଅଷ୍ଟାଙ୍ଗମାର୍ଗ ଓ ବାଣୀକୁ ବୁଝାଇଥିଲେ । ଏଥି ସହିତ ଦଲାଇଲାମାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଧର୍ମଗୁରୁମାନଙ୍କ ମନ୍ତବ୍ୟକୁ ନିଜ ବକ୍ତୃତାରେ ସ୍ଥାନ ଦେବା ସହ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ଯେପରି ଶିକ୍ଷାନୁଷ୍ଠାନ ମାନଙ୍କରେ ଆଧ୍ୟାତ୍ମିକତା ଶିକ୍ଷା ଦିଆଯାଉଛି ସେହିପରି ଅନ୍ୟମାନଙ୍କୁ ଦିଆଯିବ ଦରକାର ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଉପସ୍ଥିତ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ କହିଥିଲେ, ଦୁନିଆରେ ମଣିଷର ମସ୍ତିଷ୍କ ଓ ଯନ୍ତ୍ରପାତି କିଛି ସମୟ ବା କିଛି ଯୁଗ ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇଥାଏ। କିନ୍ତୁ ଆଧ୍ୟାତ୍ମିକ ଶକ୍ତି କୌଣସି ପରିବର୍ତ୍ତନ ନାହିଁ। ପୂର୍ବରୁ ଯାହା ଥିଲା ବର୍ତ୍ତମାନ ମଧ୍ୟ ରହିଛି ବୋଲି ସେ କହିଛନ୍ତି। ଏଥି ସହିତ ଶିକ୍ଷାନୁଷ୍ଠାନ ମାନଙ୍କରେ ଆଧ୍ୟାତ୍ମିକତା ଜ୍ଞାନର ଆବଶ୍ୟକତା ରହିଛି। କେବଳ ଭୌତିକ ଜ୍ଞାନ ଦେଲେ ଚଳିବ ନାହିଁ। କାରଣ ଉତ୍ତମ ମଣିଷ ଓ ଚରିତ୍ର ଗଠନ ପାଇଁ ଉଭୟ ଭୌତିକ ଓ ଆଧ୍ୟାତ୍ମିକ ଜ୍ଞାନ ର ଆବଶ୍ୟକତା ରହିଛି। ସେହିପରି ଭକ୍ତିବେଦାନ୍ତ ଇନଷ୍ଟିଚ୍ୟୁଟ୍‌ର ସୁଭାଗ ସ୍ୱାମୀ କହିଛନ୍ତି ଦିବ୍ୟ ଜ୍ଞାନ ବା ଚେତନାକୁ ଗ୍ରହଣ କରିବାକୁ ହେଲେ ନିଜକୁ ତାଂ ଭିତରେ ସମର୍ପଣ କରିବାକୁ ପଡ଼ିବ। ଯାହାକି ଭଗବତ ଗୀତାରେ ବିଶିଷ୍ଟ ଗୁରୁମାନେ କହିଛନ୍ତି। ଏହି ସଭାରେ ଆଇଆଇଟି ଖଡ଼ଗପୁରର ଡ଼. ସୁଦୀପ୍ତ ଘୋଷ, ଭକ୍ତିବେଦାନ୍ତ ଇନଷ୍ଟିଚ୍ୟୁଟ୍ ସଭାପତି କେ. ବାସୁଦେବ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# Dr. T. D. Singh Memorial Lecture

by



## Prof. Richard R. Ernst

### Nobel Laureate in Chemistry



ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

ପୃଷ୍ଠା-୨, ଓଡ଼ିଶା ଭାସ୍କର





## ଶ୍ରୀପଦ ମହାରାଜାଙ୍କ ୭୫ତମ ପୂର୍ତ୍ତି ଉତ୍ସବ



ଭୁବନେଶ୍ୱର, (ଆ.ପ୍ର.): ଇସ୍କନର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଗୁରୁ ପରିବ୍ରାଜକ, ପ୍ରଚାରକ ଭକ୍ତି ସ୍ୱରୂପ ଦାମୋଦର ସ୍ୱାମୀ, ପୂଜ୍ୟଗୁରୁ ମହାରାଜାଙ୍କ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଭକ୍ତି ବେଦାନ୍ତ ଇନଷ୍ଟିଚ୍ୟୁଟ, କୋଲକତା ଆନୁକୂଲ୍ୟରେ ଉତ୍କଳ ୟୁନିଭରସିଟି ଛାତ୍ର ସଂସଦର ସଭାପତି ତନ୍ମୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉତ୍କଳ ୟୁନିଭରସିଟିର ଅଡିଟୋରିୟମରେ ଗୁରୁବାର ଏକ ବକ୍ତୃତା ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବକ୍ତୃତାରେ ଡକ୍ଟର ଟି.ଡି. ସିଂହ ମେମୋରିଆଲ ଲେକ୍ଚରର ବିଜ୍ଞାନ ଓ ଆଧ୍ୟାତ୍ମିକତା ବିଷୟରେ କି ଭାବ ନିହିତ ରହିଛି ତାହା ଉପରେ ସୁଇଜରଲ୍ୟାଣ୍ଡ ଜୁରିଚ୍ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନର ନୋବେଲ ପୁରସ୍କାର ପ୍ରାପ୍ତ ପ୍ରଫେସର ରିଚାର୍ଡ ଆର. ଆରନେଷ୍ଟ ବାଖ୍ୟା କରିଥିଲେ। ଉକ୍ତ ଉତ୍ସବରେ ଶ୍ରୀକ୍ଷେତ୍ର ଧାମ ପୁରୀର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପ୍ରଥମ ସେବକ ଗଜପତି ମହାରାଜ ଦିବ୍ୟସିଂହ ଦେବ ଏବଂ ଭକ୍ତି ବେଦାନ୍ତ ଇନଷ୍ଟିଚ୍ୟୁଟର ଉପଦେଷ୍ଟା ସୁଭଗ ସ୍ୱାମୀ ମହାରାଜ ସମ୍ମାନିତ ଅତିଥିରୂପେ ଯୋଗଦେଇଥିଲେ। ଇସ୍କନର ପ୍ରତିଷ୍ଠାତା ଶ୍ରୀଲ ପ୍ରଭୁପାଦ ଭକ୍ତିବେଦାନ୍ତ ଇନଷ୍ଟିଚ୍ୟୁଟ୍ ପ୍ରତିଷ୍ଠା କରିଥିଲେ ଯାହାର ଉଦ୍ଦେଶ୍ୟ ଥିଲା ବିଜ୍ଞାନ, ଧର୍ମ ଓ ଦର୍ଶନ ମଧ୍ୟରେ କିପରି ନିବିଡ଼ ସମ୍ପର୍କ ରହିଛି ତାହାକୁ ନିବିଡ଼ ଭାବରେ ଅଧ୍ୟୟନ କରି ଏଭଳି ତତ୍ତ୍ୱ ଉପସ୍ଥାପନ କରାଯାଉ, ଯାହାକି ଆଧୁନିକ ଯୁଗର ବୈଜ୍ଞାନିକ ଭିତ୍ତିକ ଯୁବ ସମାଜ ଧର୍ମରେ ପ୍ରଭାବିତ ହୋଇ ତାହାକୁ ଆପଣେଇବା ସହିତ ତାହା କିପରି ନିତ୍ୟନୈମିତ୍ତିକ ଜୀବନରେ ପୃଥିବୀବାସୀଙ୍କର ଉପଯୋଗ ହୋଇପାରିବ ସେ ବିଷୟରେ ତଥ୍ୟ ପ୍ରକାଶ କରେ। ଏହି କାର୍ଯ୍ୟକ୍ରମରେ ପ୍ରଥମ ଅଂଶସ୍ୱରୂପ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲୀଳାସ୍ଥଳୀ ଓଡ଼ିଶା ଧାମର ସମ୍ମାନୀୟ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟର ଏମ.କେ.ସି.ଜି. ଅଡ଼ିଟୋରିୟମରେ ପ୍ରଥମ ସେମିନାର ଆୟୋଜିତ କରାଯାଇଛି।

ସମାଜ

The Samaja

## 'ଜୀବନ ପାଇଁ ବିଜ୍ଞାନ ଓ ଆଧ୍ୟାତ୍ମିକତା ଉଭୟ ଅପରିହାର୍ଯ୍ୟ'



ଭୁବନେଶ୍ୱର, ୫।୧ (ନି.ପ୍ର): ମଣିଷ ଜୀବନ ପାଇଁ ଉଭୟ ବିଜ୍ଞାନ ଓ ଆଧ୍ୟାତ୍ମିକତା ଆବଶ୍ୟକତା ରହିଛି। ଏହାଦ୍ୱାରା ଜୀବନକୁ ବୁଝିବା ଏବଂ ବୁଦ୍ଧିମନ୍ତ କରିବା ସହଜ ହୋଇଥାଏ ବୋଲି ୧୯୯୧ର ନୋବେଲ ରସାୟନ ବିଜେତା ସୁଇଜରଲ୍ୟାଣ୍ଡର ବୈଜ୍ଞାନିକ ପ୍ରଫେସର ରିଚାର୍ଡ ଅରନ୍‌ଷ୍ଟ କହିଛନ୍ତି। ଆଜି କଲିକାତାର ଭକ୍ତିବେଦାନ୍ତ ପ୍ରତିଷ୍ଠାନ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ

### ନୋବେଲ ବିଜେତାଙ୍କ ଉକ୍ତି

ପ୍ରେକ୍ଷାଳୟରେ ଅନୁଷ୍ଠିତ 'ଜଣେ ପାଶ୍ଚାତ୍ୟ ବୈଜ୍ଞାନିକଙ୍କ ଦୃଷ୍ଟିରେ ବିଜ୍ଞାନ ଓ ଆଧ୍ୟାତ୍ମିକତା' ଶୀର୍ଷକ ଡଃ. ଟି.ଡି.ସିଂହ ସ୍ମାରକୀ ବକ୍ତୃତା ପ୍ରଦାନ କରି ପ୍ରଫେସର ଅରନ୍‌ଷ୍ଟ କହିଲେ ଯେ ବହିର୍ଦୃଷ୍ଟି ବା ବିଶ୍ୱକୁ ନିରୀକ୍ଷଣ କରିବାରେ ବିଜ୍ଞାନ ସହାୟକ ହୋଇଥିବାବେଳେ ଆଧ୍ୟାତ୍ମିକତା ଆତ୍ମନିରୀକ୍ଷଣ ପାଇଁ ଉପଯୋଗୀ ହୋଇଥାଏ। ତେଣୁ ବିଜ୍ଞାନ ଧର୍ମର ସ୍ଥାନ ବା ଧର୍ମ ବିଜ୍ଞାନର ସ୍ଥାନ ନେଇପାରିବ ନାହିଁ। ଜଣେ ସୃଷ୍ଟିଧର୍ମୀ ବୈଜ୍ଞାନିକ ହେବାପାଇଁ ଜଣଙ୍କୁ ନିଜର ବୃତ୍ତିରେ ଉତ୍କର୍ଷ, ଆଗ୍ରହ ଓ ମାନବିକ ମୂଲ୍ୟବୋଧକୁ ସାମିଲ କରିବାକୁ ପଡ଼ିବ। ଏଥିରେ ଉଦ୍‌ବୋଧନ ଦେଇ ପୁରୀର ଗଜପତି ମହାରାଜା ଦିବ୍ୟସିଂହଦେବ କହିଲେ ଯେ ମଣିଷର ମସ୍ତିଷ୍କର କ୍ଷମତା ସୀମିତ। ତେବେ ଆତ୍ମନିରୀକ୍ଷଣ ଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଅଧ୍ୟୟନ କରିପାରିବ। ଏହି ଅନ୍ତର୍ଦୃଷ୍ଟି ବଳରେ ପ୍ରାଚୀନ ମୁନିଋଷିମାନେ ବୈଜ୍ଞାନିକ ଉପକରଣ ବିନା ବାହ୍ୟ ଦୁନିଆକୁ ଜାଣିବାର ଜ୍ଞାନ ହାସଲ କରିପାରୁଥିଲେ। ମଣିଷର ସାମଗ୍ରିକ ବିକାଶ ନିମନ୍ତେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ କିଛି ଆଧ୍ୟାତ୍ମିକ ଶିକ୍ଷା ସାମିଲ କରାଯିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ।

ଏଥିରେ ସୁଭଗ ସ୍ୱାମୀ, ଆଇଆଇଟି ଖଡ଼ଗପୁରର ପ୍ରଫେସର ଡଃ. ସୁଦୀପ୍ତ ଘୋଷ, ଭକ୍ତିବେଦାନ୍ତ ପ୍ରତିଷ୍ଠାନର ଅଧ୍ୟକ୍ଷ କେ.ବାସୁଦେବ ରାଓ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ମଣିପୁରରେ ଜନ୍ମଲାଭ କରିଥିବା ଡଃ. ଟି.ଡି.ସିଂହ ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ହୋଇଥିଲେ ମଧ୍ୟ କିପରି ଆଧ୍ୟାତ୍ମିକତା ଆଡ଼କୁ ଢଳିଥିଲେ ସେ ବିଷୟରେ ବକ୍ତାମାନେ ସୂଚନା ଦେଇଥିଲେ। ସେ ବିଜ୍ଞାନ, ଧର୍ମ ଓ ଦର୍ଶନ ମଧ୍ୟରେ କିପରି ନିବିଡ଼ ସମ୍ପର୍କ ରହିଛି ତାହାକୁ ଭଲଭାବେ ଅଧ୍ୟୟନ କରିବା ସହ ଭାରତ ସରକାରଙ୍କ ଦରିଆପାରି ବୃତ୍ତି ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନରେ ଗବେଷଣା କରୁଥିବାବେଳେ ଶ୍ରୀଲ ପ୍ରଭୁପାଦ ଭକ୍ତିବେଦାନ୍ତଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଇସ୍କନ ମିଶନରେ ଯୋଗଦେଇ ଭକ୍ତିସ୍ୱରୂପ ଦାମୋଦରସ୍ୱାମୀ ମହାରାଜ ନାମରେ ପରିଚିତ ହୋଇ ଏକ ନୂଆ ଜୀବନ ଆରମ୍ଭ କରିଥିଲେ ବୋଲି ବକ୍ତାମାନେ ସୂଚନା ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦ ତରଫରୁ ଏହି ବକ୍ତୃତା ଆୟୋଜନ ପାଇଁ ସହଯୋଗ କରାଯାଇଥିଲା। ଛାତ୍ରସଂସଦର ସଭାପତି ତନ୍ମୟ ସ୍ୱାଇଁ ଏଥିରେ ସହଯୋଗ କରିଥିଲେ।

## ଇ ଟିଭିରେ ଥିବା ରିଲାଏନ୍ସର ଅଂଶ ଟିଭି ୧୮ ଗ୍ରୁପକୁ ହସ୍ତାନ୍ତର